بِسۡمِ اللّٰهِ الرَّحۡمٰنِ الرَّحِیۡمِ

୧ ନଭେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ବନୁ କୁରୈଜାଃ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱରଅ.ବ କହିଲେ; ବନୁ କୁରୈଜାଃ ଯୁଦ୍ଧର ଅତିରିକ୍ତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଉକ୍ତ ଯୁଦ୍ଧରେ ଦୁଇ ଜଣ ମୁସଲମାନ ହଜରତ ଖଲାଦ୍ ବିନ୍ ସୱ୍ୱିଦ୍ ଓ ହଜରତ ମୁନଜିର୍ ବିନ୍ ମୁହମ୍ମଦର.ଅ ଶହିଦ୍ ହୋଇଥିଲେ । ଯେତେବେଳେ କି ବନୁ କୁରୈଜାଃ ଦଳର ୟହୁଦିମାନଙ୍କ ନିହତ ହେବା ସଂଖ୍ୟାରେ ମତଭେଦ ରହିଛି । ବିଭିନ୍ନ ବର୍ଣ୍ଣନାନୁଯାୟୀ ଉକ୍ତ ଅବସରରେ ୬୦୦ରୁ ୯୦୦ଜଣ ଅବିଶ୍ୱାସକାରୀ ନିହତ ହୋଇଥିଲେ । କିନ୍ତୁ ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ଅନୁସନ୍ଧାନ କରି ଉଲ୍ଲେଖ କରିଛନ୍ତି ଯେ, ସେହିଦିନ ଊଣାଅଧିକ ୪୦୦ ଜଣ ଅମାନ୍ୟକାରୀ ହଜରତ ସାଦ୍ ର.ଅଙ୍କ ନିଷ୍ପତ୍ତି ଅନୁଯାୟୀ ବଧ କରାଯାଇଥିଲେ । ସେଥିଅନ୍ତେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ଆଦେଶକ୍ରମେ ସାହାବା ଉକ୍ତ ମୃତକମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଥିଲେ । ଇସଲାମର ବିରୋଧୀମାନେ ଏହି ନିହତ ବ୍ୟକ୍ତିଙ୍କ ସଂଖ୍ୟାରେ ଅତିଶୟତା ଅବଲମ୍ବନ କରି ଇସଲାମକୁ ଏକ ଅତି କଠୋର ଓ ଅତ୍ୟାଚାରୀ ଧର୍ମ ଦର୍ଶାଇଥାନ୍ତି ।

ଚଳିତ ଯୁଗର ଜଣେ ଅହେମଦି ବିଦ୍ୱାନ ଶ୍ରୀମାନ ସୟଦ ବରକାତ୍ ସାହେବ ମଧ୍ୟ ନିଜ ପୁସ୍ତକ "ରସୁଲେ ଅକରମ୍ସ.ଅ ଓ ୟହୁଦି ହଜାଜ୍"ରେ ଗଭୀର ଅନୁସନ୍ଧାନ କରି ଉଲ୍ଲେଖ କରିଛନ୍ତି ଯେ, ଆଖି ବନ୍ଦ କରି ସମସ୍ତ ବର୍ଣ୍ଣନାଗୁଡ଼ିକୁ ଗ୍ରହଣ କରିନେବା କୌଣସି ବୁଦ୍ଧିମତା ନୁହେଁ ଏବଂ ଉକ୍ତ ବର୍ଣ୍ଣନାଗୁଡ଼ିକୁ ନୂତନ ଭାବରେ ଅନୁଧ୍ୟାନ ଓ ନିରୀକ୍ଷଣ କରିବା ଉଚିତ୍ ଯେ, କୌଣସି ସ୍ଥଳେ ଅତିଶୟତା ତ ଅବଲମ୍ବନ କରିଯାଇ ନାହିଁ । ତାଙ୍କର ଅନୁସନ୍ଧାନ ଅନୁଯାଇ ବନୁ କୁରୈଜାଃ ଦଳର ନିହତ ହୋଇଥିବା ୟହୁଦିମାନଙ୍କ ସଂଖ୍ୟା ୨୦ରୁ ଅଧିକ ନଥିଲା । ତେବେ ଏ ତାହାକୁ ଅର୍ଥାତ ଉକ୍ତ ନିହତ ବ୍ୟକ୍ତିଙ୍କ ସଂଖ୍ୟାକୁ ବହୁତ କମ୍ କରିଦେଲେ ଏବଂ ଏହା କେଉଁ ପର୍ଯ୍ୟନ୍ତ ସଠିକ୍ ତାହା ପ୍ରଭୁ ହିଁ ଜାଣନ୍ତି । ସେ ଯାହା ହେଉ ତାଙ୍କର କେତେକ ବର୍ଣ୍ଣନା ସଠିକ୍ ରହିଛି ଏବଂ ଅନୁସନ୍ଧାନରେ ତାଙ୍କୁ ଆଧାର କରାଯାଇପାରେ ।

ହଜରତ ମିର୍ଜା ବଶିର ଅହେମଦ ସାହେବ ବନୁ କୁରୈଜାଃ ଦଳର ନିହତ ହୋଇଥିବା ୟହୁଦିମାନଙ୍କ ସଂଖ୍ୟାରେ ଅଣମୁସଲମାନ ଇତିହାସବିତ୍‌ମାନଙ୍କ ଆପତ୍ତିର ଉତ୍ତର ଦେଇ ବର୍ଣ୍ଣନା କରିଛନ୍ତି ଯେ, ବନୁ କୁରୈଜାଃର ଘଟଣା ସଂକ୍ରାନ୍ତରେ କେତେକ ଅଣମୁସଲମାନ ଇତିହାସବିତ୍ ଅତି ଅଶିଷ୍ଟ ଶୈଳୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ଉପରେ ଆକ୍ରମଣ କରିଥାନ୍ତି । ସେମାନଙ୍କ କହିବାନୁଯାୟୀ ଉକ୍ତ ଘଟଣାରେ ମୁହମ୍ମଦ ସ.ଅଙ୍କର ପାଖାପାଖି ୪୦୦ୟହୁଦିମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବା ନଉଜୁବିଲ୍ଲାଃ ତାଙ୍କର ଅତ୍ୟାଚାରୀ ଓ ନିଷ୍ଠୁର ହେବାର ସ୍ପଷ୍ଟ ପ୍ରମାଣ । ଏହି ଆପତ୍ତି କରିବା ଏକ ଧାର୍ମିକ ଈର୍ଷାପରାୟଣତା ବଶତଃ ଅଟେ । ଯାହା ଦ୍ୱାରା କେତେକ ନିରୀହ ଓ ସରଳ ମୁସଲମାନମାନେ ମଧ୍ୟ ପ୍ରଭାବିତ ହୋଇଥାନ୍ତି ।

ଏହାର ଉତ୍ତରରେ **ପ୍ରଥମତଃ** ଏକଥା ସ୍ମରଣ ରଖିବା ଉଚିତ୍ ଯେ, ବନୁ କୁରୈଜାଃ ସଂକ୍ରାନ୍ତରେ ଯେଉଁ ନିଷ୍ପତ୍ତିକୁ ନିଷ୍ଠୁର ଓ ଅତ୍ୟାଚାରୀ ବୋଲି ଦର୍ଶାଯାଉଛି ତାହା ଅସଲରେ ହଜରତ ସାଦ୍ ବିନ୍ ମାଜ୍ ର.ଅଙ୍କର ନିଷ୍ପତ୍ତି ଥିଲା, ନା କି ତାହା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କର ନିଷ୍ପତ୍ତି । ତେବେ ଏପରି ଆପତ୍ତି କିପରି ବା ପୁଣ୍ୟଶ୍ଲୋକ ହଜରତ ମୁହମ୍ମଦ ସ.ଅଙ୍କ ବିରୋଧରେ ବଢ଼ା ଯାଇ ପାରିବ । **ଦ୍ୱିତୀୟରେ** ଉକ୍ତ ନିଷ୍ପତ୍ତି ଆସନ୍ତାରେ ଉପୁର୍ଣ୍ଡ ହେବା ଉତ୍କଟ ପରିସ୍ଥିତି ପାଇଁ କଦାପି ଭୁଲ୍ ଓ ଅନ୍ୟାୟ ପୂର୍ଣ୍ଣ ନଥିଲା । **ତୃତୀୟ** କଥା ଏହିକି ଯେ, ଉକ୍ତ ନିଷ୍ପତ୍ତି ଯୋଗୁଁ ଯାହାକି ହଜରତ ସାଦ୍ର.ଅ କରିବା ପୂର୍ବରୁ ହୁଜୁର ସ.ଅଙ୍କ ଠାରୁ ନିଆ ଯାଇଥିଲେ, ଆପଣସ.ଅ ତାହା ପାଳନ କରିବା ପ୍ରତି ପ୍ରତିବଦ୍ଧ ଥିଲେ । **ଚତୁର୍ଥ** କଥା ଏହା ଥିଲା ଯେ, ଯେତେବେଳେ ଅପରାଧୀମାନେ ସ୍ୱୟଂ ଉକ୍ତ ନିଷ୍ପତ୍ତିକୁ ସ୍ୱୀକାର କରି ନେଇଥିଲେ ଏବଂ ତାହାକୁ କେନ୍ଦ୍ର କରି କୌଣସି ପ୍ରକାର ଆପତ୍ତି କଲେ ନାହିଁ । ଯେପରିକି ହୁଇ ବିନ୍ ଅଖତବ୍ ହତ୍ୟା କରିବା ସମୟରେ ତାହାର ଉତ୍ତରରୁ ସ୍ପଷ୍ଟ ପ୍ରକାଶ ହେଉଅଛି ଯେ, ସେ ତାହାକୁ ଈଶ୍ୱରଙ୍କ ନିୟତି ମଣିଥିଲା । ତେବେ ଏପରି ପରିସ୍ଥିତିରେ ନବୀଶ୍ରେଷ୍ଠ ସ.ଅଙ୍କର ଉକ୍ତ ମାମଲାରେ କୌଣସି ଭୂମିକା (ଦଖଲ) ହିଁ ନଥିଲା ଯେ, ଉକ୍ତ ମାମଲାରେ ଆପଣସ.ଅ ଅଯଥାରେ ହସ୍ତକ୍ଷେପ କରିବା ପାଇଁ ଛିଡ଼ା ହୋଇଥାନ୍ତେ ।

ହଜରତ ସାଦ୍ ର.ଅଙ୍କର ନିଷ୍ପତ୍ତି ଦେବା ପରେ ଉକ୍ତ ମାମଲାରେ ହୁଜୁର ସ.ଅଙ୍କର ସେଥି ସମ୍ପର୍କରେ କେବଳ ଏତିକି କରିବା ପ୍ରଯୁଜ୍ୟ ଥିଲା ଯେ, ଆପଣସ.ଅ ନିଜ ପ୍ରଶାସନିକ ବ୍ୟବସ୍ଥା ଅନ୍ତର୍ଗତ ଉକ୍ତ ନିଷ୍ପତ୍ତିକୁ ଏପରି ରୂପେ ପ୍ରଣୟନ କରିଥାନ୍ତେ, ଯାହାକି ଦୟା ଓ ବିନମ୍ରତାର ସର୍ବୋତ୍କୃଷ୍ଟ ନମୁନା ମଣା ଯାଇପାରିବ । ସୁତରାଂ କେବଳ ବନୁ କୁରୈଜାଃ ଘଟଣା ସମ୍ବନ୍ଧରେ ଆପଣ ସ.ଅଙ୍କ ଉପରେ କଦାପି କୌଣସି ଆପତ୍ତି କରାଯାଇ ପାରିବ ନାହିଁ । ବରଂ ସତ୍ୟ ଏହି କି ଯେ, **ଉକ୍ତ ଘଟଣାଟି ଆପଣ ସ.ଅଙ୍କର ଉତ୍ତମ ଚରିତ୍ର, ସୁନ୍ଦର କାର୍ଯ୍ୟ ବ୍ୟବସ୍ଥା ଓ ଆପଣଙ୍କ ଦୟା ତଥା କୃପାର ସର୍ବଶ୍ରେଷ୍ଠ ନମୁନାର ଏକ ଜ୍ୱଳନ୍ତ ପ୍ରମାଣ ।**

ଏବେ ରହିଲା ମୂଳ ନିଷ୍ପତ୍ତିର ପ୍ରଶ୍ନ ତେବେ ଇତିହାସ ପୃଷ୍ଠାରୁ ଜଣା ପଡୁଛି ଯେ, ସେତେବେଳେ ହଜରତ ମୁହମ୍ମଦସ.ଅ ମଦିନାରେ ବସବାସ କରୁଥିବା ତିନୋଟି କବିଲା ବନୁ କୈନକାଃ, ବନୁ ନଜିର୍ ଓ ବନୁ କୁରୈଜାଃ ସହିତ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଚୁକ୍ତି ପତ୍ର ସାକ୍ଷର କଲେ । ଯାହା ଅନ୍ତର୍ଗତ ମୁସଲମାନ ଓ ୟହୁଦି ଉଭୟ ସମ୍ପ୍ରଦାୟ ହସଖୁସିରେ ରହିବେ, ପରସ୍ପର ସହିତ ଭାଇବନ୍ଧୁ ପରି ସମ୍ପର୍କ ରକ୍ଷା କରିବେ । ପରସ୍ପରର ଶତ୍ରୁକୁ କଦାପି କୌଣସି ପ୍ରକାରର ସାହାଯ୍ୟ ସହଯୋଗ କରିବେ ନାହିଁ । ଯଦି କୌଣସି ବାହ୍ୟ ଗୋଷ୍ଠୀ ଅଥବା ଦଳ ତାଙ୍କ ଉପରେ ଆକ୍ରମଣ କରେ ତେବେ ସଭିଏଁ ମିଳିତ ଭାବରେ ତାହାର ମୁକାବିଲା କରିବେ । ଆଉ ଯଦି ସନ୍ଧିକାରୀଙ୍କ ମଧ୍ୟରୁ କେହି ଜଣେ ବ୍ୟକ୍ତି ଅଥବା ଦଳ ତାହାକୁ ଭଙ୍ଗ କରନ୍ତି ଅଥବା ବିଶୃଙ୍ଖଳା ସୃଷ୍ଟି କରନ୍ତି ତେବେ ତାହା ବିରୁଦ୍ଧରେ ଅନ୍ୟ ଦଳକୁ ହାତ ଉଠାଇବାର ଅଧିକାର ହେବ । **ଅଧିକନ୍ତୁ ସମସ୍ତ ମତଭେଦ ଓ ବିବାଦିୟ ପ୍ରସଙ୍ଗ ହଜରତ ମୁହମ୍ମଦ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ ହେବ ଏବଂ ସମସ୍ତଙ୍କ ସକାଶେ ଆପଣ ସ.ଅଙ୍କ ନିଷ୍ପତ୍ତିର ପାଳନ କରିବା ଅନିବାର୍ଯ୍ୟ ହେବ ।** କିନ୍ତୁ ଆବଶ୍ୟକ ହେବ ଯେ, ପ୍ରତ୍ୟେକ ବ୍ୟକ୍ତି ଅଥବା ଦଳ ସମ୍ବନ୍ଧରେ ତାଙ୍କରି ଧର୍ମ ଓ ଧର୍ମବିଧାନ ମୁତାବକ ନିଷ୍ପତ୍ତି କରାଯିବ ।

ଏହି ଚୁକ୍ତି ପତ୍ରର ଅବମାନନା ଓ ପ୍ରତ୍ୟାଖ୍ୟାନ ସର୍ବପ୍ରଥମେ ବନୁ କୈନକାଃ ଦଳ କରିଥିଲା ଏବଂ ମୁସଲମାନମାନଙ୍କୁ ଯୁଦ୍ଧ ପ୍ରତି ଆମନ୍ତ୍ରିତ କରିଥିଲେ କିନ୍ତୁ ଯେତେବେଳେ ସେମାନେ ପରାଜିତ ହେଲେ । ସେତେବେଳେ ହୁଜୁରସ.ଅ ତାଙ୍କୁ କେବଳ ମଦିନାରୁ ନିର୍ବାସନର ଦଣ୍ଡ ଦେଇ କ୍ଷମା କରିଦେଲେ ଯଦ୍ୱାରା ଦେଶରେ ଶାନ୍ତିଶୃଙ୍ଖଳା ଭଙ୍ଗ ନହେବ । ଏତଦ୍ ବ୍ୟତୀତ ମୁସଲମାନମାନେ ସେମାନଙ୍କ ଷଡ଼ଯନ୍ତ୍ରରୁ ସୁରକ୍ଷିତ ହୋଇଯିବେ । କିନ୍ତୁ ଉକ୍ତ ଘଟଣାକୁ ବିଶେଷ ଅଧିକ କିଛି ସମୟ ଅତିବାହିତ ହୋଇ ନଥିଲା ଯେ, ୟହୁଦିମାନଙ୍କ ଆଉ ଏକ କବିଲା ବନୁ ନଜିର୍ ମୁଣ୍ଡ ଟେକିଲା ଉଠିଲା ଏବଂ ସର୍ବପ୍ରଥମେ ତାଙ୍କର ସରଦାର କାବ୍ ବିନ୍ ଅଶରଫ୍ ଚୁକ୍ତି ଭଙ୍ଗ କରି

କୁରୈଶ ଓ ଅନ୍ୟ ଗୋଷ୍ଠୀ ସମୂହ ସହିତ ମିଳିତ ହୋଇ ମୁସଲମାନମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲା । ଏପରିକି ଶେଷରେ ସେମାନେ ନବୀଶିରୋମଣୀଙ୍କ ହତ୍ୟାର ଷଡ଼ଯନ୍ତ୍ର ମଧ୍ୟ ରଚିଦେଲେ । ଯେତେବେଳେ ହୁଜୁର ସ.ଅଙ୍କ ଆଦେଶକ୍ରମେ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜ କୁପରିଣାମରେ ଉପନୀତ ହେଲା ସେତେବେଳେ ତାହାର କବିଲାବାସୀ ହୁଜୁର ସ.ଅଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର ରଚିଲେ । ସେମାନଙ୍କ ଭୟଙ୍କର ଷଡ଼ଯନ୍ତ୍ର ସଂକ୍ରାନ୍ତରେ ଯେତେବେଳେ ହୁଜୁର ସ.ଅଙ୍କୁ ସୂଚନା ମିଳିଲା ସେତେବେଳେ ଆପଣସ.ଅ ତାଙ୍କୁ ଚେତାବନୀ ଓ ଦଣ୍ଡିତ କରିବା ନିମନ୍ତେ ଯଥା ବିଧି ପଦକ୍ଷେପ ଗ୍ରହଣ କଲେ । ଅପର ପାର୍ଶ୍ୱରେ ସେମାନେ ମୁସଲମାନମାନଙ୍କ ସହିତ ସଂଘର୍ଷ କରିବାକୁ ଅଣ୍ଟା ଭିଡ଼ିଲେ ଏବଂ ଏହି ଯୁଦ୍ଧରେ ବନୁ କୁରୈଜାଃ ତାଙ୍କର ସାହାଯ୍ୟ ସହଯୋଗ କଲେ । ଯେତେବେଳେ ବନୁ ନଜିର୍ ଦଳ ପରାଜିତ ହେଲେ ସେତେବେଳେ ହୁଜୁରସ.ଅ ବନୁ କୁରୈଜାଃକୁ ସମ୍ପୂର୍ଣ୍ଣ ରୂପେ କ୍ଷମା କରିଦେଲେ ଏବଂ ବନୁ ନଜିର୍‌କୁ ମଦିନାରୁ ଶାନ୍ତି ଶୃଙ୍ଖଳାର ସହ ଚାଲି ଯିବାକୁ ଅନୁମତି ପ୍ରଦାନ କରିଦେଲେ । ଏହି ଉପକାରର ପ୍ରତିଫଳ ବନୁ ନଜିର୍ ଦଳ ଏପରି ଦେଲେ କି ମଦିନାରୁ ବାହାରି ଆରବର ବିଭିନ୍ନ ଗୋଷ୍ଠୀଗୁଡ଼ିକୁ ଏକତ୍ରିତ କରି ଝିଣ୍ଟିକା ଦଳ ପରି ଏକ ବିଶାଳ ସୈନ୍ୟବାହିନୀ ସହିତ ମଦିନା ଉପରେ ଚଢ଼ାଉ କଲେ ଏବଂ ସମସ୍ତ ଗୋଷ୍ଠୀ ଠାରୁ ସେମାନେ ଏହି ଦୃଢ଼ ପ୍ରତିଶୃତି ନେଇଥିଲେ ଯେ, ଯେପର୍ଯ୍ୟନ୍ତ ଇସଲାମ୍‌ର ମୂଳୋତ୍ପାଟନ କରି ଦେଇ ନାହାନ୍ତି (ମଦିନାରୁ) ପ୍ରତ୍ୟାବର୍ତ୍ତନ କରିବେ ନାହିଁ । ଏପରି ଉତ୍କଟ ପରିସ୍ଥିତିରେ ୟହୁଦିମାନଙ୍କ ତୃତୀୟ କବିଲା ବନୁ କୁରୈଜାଃ ମୁସଲମାନମାନଙ୍କ ସହିତ ବିଶ୍ୱାସଘାତକତା କଲେ ଯେତେବେଳେ କି ମାତ୍ର ତିନି ହଜାର ଦୁର୍ବଳ ନିରସ୍ତ୍ର ଓ ଅସହାୟ ମୁସଲମାନ ଅମାନ୍ୟକାରୀଙ୍କ ଦଶ ହଜାର ଧୁରନ୍ଧର ଓ ହିଂସ୍ର ସ୍ୱଭାବୀ ଯୋଦ୍ଧାମାନଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ । ଆଉ ମୃତ୍ୟୁ ସେମାନଙ୍କୁ ନିଜ ସାମନାରେ ଦୃଶ୍ୟମାନ ହେଉଥିଲା । ପୁଣି ବନୁ କୁରୈଜାଃ ଦଳ ମୁସଲମାନ ମହିଳା ଓ ପିଲାମାନଙ୍କ ନିକଟରୁ ଆକ୍ରମଣ କଲେ । ବନୁ କୁରୈଜାଃର ଏହି ଆଚରଣ ମାତ୍ର ଏକ ମସ୍ତବଡ଼ ବିଶ୍ୱାସଘାତକତା ଓ ସନ୍ଧିଭଙ୍ଗ କରିବା ନଥିଲା ବରଂ ଏକ ଭୟଙ୍କର ବିଦ୍ରୋହ ଥିଲା ।

ଏପରି ଅବସ୍ଥାରେ ତାଙ୍କର ସର୍ତ୍ତଭଙ୍ଗ, ବିଶ୍ୱାସଘାତକତା, ବିଦ୍ରୋହ ଓ ହତ୍ୟା ପରି ଜଘନ୍ୟ ଅପରାଧ ବଶତଃ ତାଙ୍କୁ ଏହା ବ୍ୟତୀତ ଅନ୍ୟ କେଉଁ ଦଣ୍ଡରେ ଦଣ୍ଡିତ କରାଯାଇ ପାରିଥାନ୍ତା । ପ୍ରକାଶ୍ୟରେ କହିବାକୁ ଗଲେ ସମ୍ଭାବନା ଦୃଷ୍ଟିରୁ ମାତ୍ର ତିନିଗୋଟି ଦଣ୍ଡ ତାଙ୍କୁ ଦିଆଯାଇ ପାରିଥାନ୍ତା । **ପ୍ରଥମତଃ** ସେମାନଙ୍କୁ ମଦିନାରେ ହିଁ ବନ୍ଦି ଅଥବା ନଜରବନ୍ଦ କରିଦିଆ ଯାଇଥାନ୍ତା । **ଦ୍ୱିତୀୟତଃ** ଦେଶରୁ ବିତାଡ଼ିତ କରିଦିଆ ଯାଇଥାନ୍ତା । **ତୃତୀୟତଃ** ସେମାନଙ୍କ ଯୋଦ୍ଧାମାନଙ୍କୁ ହତ୍ୟା କରି ବାକି ଲୋକମାନଙ୍କୁ ବନ୍ଦି ଅଥବା ନଜରବନ୍ଦ କରିଦିଆ ଯାଇଥାନ୍ତା । ଯଦି ପ୍ରଥମ ଦଣ୍ଡରେ ଦଣ୍ଡିତ କରା ଯାଇଥାନ୍ତା ଅର୍ଥାତ ଜଣେ ଶତ୍ରୁ ଗୋଷ୍ଠୀକୁ ନିଜ ସହରରେ କଏଦ କରିବା ସେତେବେଳର ପରିସ୍ଥିତି ଅନୁକୂଳ ନଥିଲା । କାରଣ ବିଦ୍ରୋହ, ବିଶୃଙ୍ଖଳା ସୃଷ୍ଟି କରିବା, ଲୋକମାନଙ୍କୁ ଭଣ୍ଡେଇବା, ଦୁଷ୍ଟାମି ଓ ଗୁପ୍ତ ଷଡ଼ଯନ୍ତ୍ର କରିବାର ତାଙ୍କୁ ପୂର୍ବପରି ସ୍ୱାଧୀନତା ମିଳି ଯାଇଥାନ୍ତା । ହଁ ସେମାନଙ୍କ ଖର୍ଚ୍ଚ ବହନ କରିବାର ଅଧିକା ବୋଝ ମୁସଲମାନମାନଙ୍କ ଉପରେ ପଡ଼ି ଯାଇଥାନ୍ତା, ଯାହା ବହନ କରିବାକୁ ମୁସଲମାନମାନେ ପୂର୍ଣ୍ଣ ରୂପେ ଅସମର୍ଥ ଥିଲେ । ଆଉ ଯଦି ଦ୍ୱିତୀୟ ଦଣ୍ଡରେ ଦଣ୍ଡିତ କରାଯାଇ ଥାନ୍ତା ଅର୍ଥାତ ମଦିନାରୁ ୟହୁଦିମାନଙ୍କୁ ନିର୍ବାସିତ କରିଦିଆ ଯାଇଥାନ୍ତା ତେବେ ସେମାନେ ଇସଲାମ ବିରୋଧରେ କେବଳ ବ୍ୟବହାରିକ କ୍ଷେତ୍ରରେ ଯୋଦ୍ଧାମାନଙ୍କୁ ଏକତ୍ରିତ ଓ ସଙ୍ଗଠିତ କରି ନଥାନ୍ତେ ବରଂ ଇସଲାମର ଶତ୍ରୁମାନଙ୍କ ସହିତ ମିଳିତ ହୋଇଯାଇଥାନ୍ତେ ଯେ ଲୋକମାନଙ୍କୁ ଇସଲାମ ବିରୋଧରେ ଉତ୍ତେଜିତ କରୁଥିଲେ, ଇସଲାମ ବିରୋଧରେ ଗୁପ୍ତ ଷଡ଼ଯନ୍ତ୍ର କରିବାରେ ସର୍ବଦା ପ୍ରୟାସରତ ଥିଲେ । ସେହି କାଳର ଅବସ୍ଥା ଅନ୍ତର୍ଗତ ମୁସଲମାନମାନଙ୍କର ଏପରି ପଦକ୍ଷେପ ଗ୍ରହଣ କରିବା ଆତ୍ମହତ୍ୟା କରିବା ଠାରୁ ବଳି ଅନ୍ୟ କିଛି ନଥିଲା । କିନ୍ତୁ କ'ଣ ଜଗତରେ ଏପରି କୌଣସି ଗୋଟିଏ ହେଲେ ମଧ୍ୟ ଗୋଷ୍ଠୀର ଦୃଷ୍ଟାନ୍ତ ମହଜୁଦ ଅଛି ଯେ, ଶତ୍ରୁକୁ ଜୀବିତ ରଖିବା ସକାଶେ ନିଜସ୍ୱ ବଳି ଦେବା ପାଇଁ ପ୍ରସ୍ତୁତ ହୋଇଯାଇଥିବ । ଯଦି ନୁହେଁ

ତେବେ ସୁନିଶ୍ଚିତ ରୂପେ ମୁସଲମାନମାନେ ମଧ୍ୟ ଆପତି ଯୋଗ୍ୟ ମଣା ଯିବେ ନାହିଁ । ସୁତରାଂ ଏହି ଦୁଇ ପ୍ରକାର ଦଣ୍ଡରେ ଦଣ୍ଡିତ କରିବା କଦାପି କୌଣସି ଦୃଷ୍ଟିରୁ ସମ୍ଭବପର ନଥିଲା । ଏଥିମଧ୍ୟରୁ କୌଣସି ଗୋଟିକର ଅବଲମ୍ବନ କରିବା ନିଜକୁ ସୁନିଶ୍ଚିତ ରୂପେ ଧ୍ୱଂସ କରିବା ସମାନ ଥିଲା । ଉକ୍ତ ଦୁଇ କିସମର ଦଣ୍ଡକୁ ବାଦ ଦେଇ କେବଳ ଗୋଟିଏ ମାର୍ଗ ଉନ୍ମୁକ୍ତ ରହିଯାଇ ଥିଲା ଯାହାକି ଅବଲମ୍ବନ କରାଗଲା । ଏହି କାରଣରୁ ମାରଗୋଲିସ୍ ଯେପରି ଇତିହାସବିତ୍ ମଧ୍ୟ ଯେ କଦାପି ଇସଲାମର ବନ୍ଧୁ ନୁହେଁ । **ସେ ଏକଥାର ସ୍ୱୀକାର କରିବାକୁ ବାଧ ହେଲା ଯେ, ସାଦ୍ ର.ଅ ଙ୍କର ନିଷ୍ପତ୍ତି ପରିସ୍ଥିତିର ବିଡ଼ମ୍ବନା ଅନୁକୂଳ ଥିଲା ।** ତାହା ବ୍ୟତୀତ ଅନ୍ୟ କୌଣସି ରାସ୍ତା ନଥିଲା ।

ହଜରତ ମୁହମ୍ମଦ ସ.ଅ ଓ ୟହୁଦିମାନଙ୍କ ମଧ୍ୟରେ ଗୋଟିଏ ସର୍ତ୍ତ ଏହା ମଧ୍ୟ ପ୍ରଣୟନ ହୋଇଥିଲା ଯେ, ଯଦି ୟହୁଦିମାନଙ୍କ ସମ୍ବନ୍ଧରେ କୌଣସି ମାମଲା ପୁନଃବିଚାର ଯୋଗ୍ୟ ହୁଏ ତେବେ ତାହାର ଫଇସଲା ତାଙ୍କରି ଧର୍ମବିଧାନ ଅନର୍ଗତ କରାଯିବ । ତୌରାତ ଉପରେ ଦୃଷ୍ଟି ନିକ୍ଷେପ କଲେ ସେଠାରେ ଏହି କିସମର ଜଘନ୍ୟ ଅପରାଧ ଯାହାକି ବନୁ କୁରୈଜାଃ ଦଳ କରିଥିଲେ, ତାହା ହିଁ ଉଲ୍ଲେଖ ରହିଛି ଯାହାକି ହଜରତ ସାଦ୍ ର.ଅ ତାଙ୍କୁ ଶୁଣାଇ ଥିଲେ । ସାରାଂଶ ଏହିକି ଯେ, ହଜରତ ସାଦ୍ ର.ଅ ଙ୍କର ଚୂଡ଼ାନ୍ତ ନିଷ୍ପତ୍ତି ଯଦିଚ କଠୋର ପ୍ରତୀତ ହେଉଅଛି କିନ୍ତୁ ବାସ୍ତବପକ୍ଷେ ତାହା ନ୍ୟାୟ ସଙ୍ଗତ ବିପରୀତ ଆଦୌଁ ନଥିଲା ଏବଂ ତାହା ୟହୁଦିମାନଙ୍କ ଧର୍ମବିଧାନ ଅନୁଯାୟୀ ହିଁ ଥିଲା ।

କିନ୍ତୁ ଯାହା କିଛି ମଧ୍ୟ ଘଟିଥିଲା ଅର୍ଥାତ ଉକ୍ତ ନିଷ୍ପତ୍ତି ହଜରତ ସାଦ୍ ବିନ୍ ମାଜ୍ ର.ଅ ଙ୍କର ଥିଲା, ନା କି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ ଙ୍କର । ଜଣେ ରାଷ୍ଟ୍ରମୂଖ୍ୟ ହେବା ଦୃଷ୍ଟିରୁ ହୁଜୁର ସ.ଅ ଙ୍କର ସମ୍ପର୍କ ଏତିକି ମାତ୍ର ଥିଲା ଯେ, ଆପଣ ସ.ଅ ଉକ୍ତ ନିଷ୍ପତ୍ତିକୁ ପ୍ରଣୟନ କରିଥାନ୍ତେ ଏବଂ ହୁଜୁର ସ.ଅ ତାହାକୁ ଏପରି ଢ଼ଙ୍ଗରେ ପ୍ରଣୟନ କଲେ ଯାହାକି ଚଳିତ ଯୁଗର ଭଦ୍ର, ସଭ୍ୟ ଓ ଶିଷ୍ଟାଚାରରୁ ଶିଷ୍ଟାଚାରୀ ତଥା ଦୟାଳୁ ପ୍ରଶାସନ ପାଇଁ ଅନୁକରଣ ଯୋଗ୍ୟ ନମୁନା ରୂପେ ଗ୍ରହଣ କରାଯାଇପାରେ ।

ଏହି ଉତ୍ତର ଆଜିକାଲିର ସେହି ଲୋକମାନଙ୍କ ସକାଶେ ଯେଉଁମାନେ ଇସଲାମ ଉପରେ ଆପତ୍ତି ବାଢୁଛନ୍ତି ଏବଂ ତାହା ପରିଣାମରେ ଆମର କେତେକ ଲୋକ ମଧ୍ୟ ପ୍ରଭାବିତ ହେଉଛନ୍ତି । ସେମାନ ବନୁ କୁରୈଜାଃକୁ ମାଧ୍ୟମ କରି କହୁଛନ୍ତି ଯେ, ଫିଲିସ୍ତିନମାନଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିବା ବୈଧ । ଯଦିଚ ବର୍ତ୍ତମାନ ତାଙ୍କର ଯାହା ଅବସ୍ଥା ରହିଛି, ତାଙ୍କ ସହିତ ଏହାର ତ ତାଙ୍କର କୌଣସି ସାମଞ୍ଜସ୍ୟ ହିଁ ନାହିଁ । ତେବେ ସେ ଜାହା ହେଉ ଏସମସ୍ତ ଦୋଷ ମଧ୍ୟ ମୁସଲମାନମାନଙ୍କର, ଯେଉଁମାନେ ନିଜ ସ୍ୱାର୍ଥ୍ୟ ହାସଲ କରିବା ସକାଶେ ଇସଲାମର ଗୌରବ ଓ ମୌଳିକତାକୁ ନାଶ କରିଦେଇଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

1st November 2024

*Translated to Odia by :* Moulavi Anwar Ahmad Khan